# ଉପସ୍ଥାପନା – ସଙ୍ଗୀତା ନାୟକ
# ଡ଼ି.ଏ.ଭି. ପବ୍ଲିକ୍ ସ୍କୁଲ, ବ୍ରହ୍ମପୁର

## ରାଘବଙ୍କ ଲଙ୍କା ଯାତ୍ରାନୁକୂଳ

## ଉପେନ୍ଦ୍ର ଭଞ୍ଜ

# କବି ପରିଚୟ

କବିସମ୍ରାଟ ଉପେନ୍ଦ୍ରଭଞ୍ଜ ରୀତି ଯୁଗର ଶ୍ରେଷ୍ଠ କବି ଭାବରେ ପରିଚିତ । ସେ ସପ୍ତଦଶତାବ୍ଦୀର ଶେଷ ଭାଗରେ ଘୁମୁସର ରାଜ ବଂଶରେ ଜନ୍ମ ଗ୍ରହଣ କରିଥିଲେ । ରାମତାରକ ମନ୍ତ୍ର ଜପ କରି ଦିବ୍ୟ କବିତ୍ୱର ଅଧିକାରୀ ହୋଇଥିଲେ । **ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଗି ବ୍ରହ୍ମାଣ୍ଡ ସୁନ୍ଦରୀ, ସୁଭଦ୍ରା ପରିଣୟ, ରସିକ ହାରାବଳୀ, ଛାନ୍ଦ ଭୂଷଣ,** ନାନା ପୌରାଣିକ ଓ କାଳ୍ପନିକ କାବ୍ୟ ସହିତ ଅନେକ ଛାନ୍ଦ ଓ ଚୌପଦୀ ରଚନା କରି ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି କରିଥିଲେ । **ଗୀତାଭିଧାନ** ନାମକ ପଦ୍ୟାତ୍ମକ ଶବ୍ଦକୋଷ ରଚନା କରି ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ସୃଷ୍ଟି ଗୁଡ଼ିକର ରଚନା ଶୈଳୀ, ଆଳଙ୍କାରିକ ସୁଷମା ଓ ବର୍ଣ୍ଣନା ବୈଚିତ୍ର୍ୟ ବିଶେଷ ଆକର୍ଷଣୀୟ ।



# କବିତାର ସୂଚନା

ରାଘବଙ୍କ ଲଙ୍କାଯାତ୍ରାନୁକୂଳ ଶୀର୍ଷକ କବିତାଟି ଉପେନ୍ଦ୍ରଭଞ୍ଜଙ୍କ ରଚିତ ରାମକାବ୍ୟ **ବୈଦେହୀଶ ବିଳାସର** ଚାଳିଶ ଛାନ୍ଦରୁ ଆନୀତ । ବ ଆଦ୍ୟବର୍ଣ୍ଣରେ ଲିଖିତ ଏହି କାବ୍ୟଟି **ବାଉନ ଛାନ୍ଦ** ବିଶିଷ୍ଟ । ପିତୃ ସତ୍ୟ ପାଳନ କରି ରାମଚନ୍ଦ୍ର ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ବନ ଗମନ କରିଥିଲେ । ସେମାନେ ପଞ୍ଚବଟୀ ଅରଣ୍ୟରେ ବାସ କରୁଥିବା ସମୟରେ ଲଙ୍କାର ରାଜା ରାବଣ ଛଦ୍ମବେଶରେ ଆସି ସୀତାଙ୍କୁ ଚୋରିକରି ନେଇଗଲା । ରାମ ଓ ଲକ୍ଷ୍ମଣ ସୀତାଙ୍କ ସନ୍ଧାନରେ ବନରେ ବୁଲୁଥିବା ବେଳେ ଜଟାୟୁ ନାମକ ଗୃଧ୍ରପକ୍ଷୀ ରାମକୁ ସୀତାଙ୍କ ଅପହରଣର ବାର୍ତ୍ତା ଦେଲା । ଏହାପରେ ରାମ କିଷ୍କିନ୍ଧ୍ୟାର ରାଜା ସୁଗ୍ରୀବଙ୍କ ସହିତ ମିତ୍ରତା କରି ହନୁମାନ, ବାନର ସେନା, ଭଲ୍ଲୁକ ସେନାଙ୍କୁ ନେଇ ଲଙ୍କା ଜାତ୍ରା ମନସ୍ଥ କଲେ । ଏଣୁ ବିଶାଳ ସମୁଦ୍ରକୁ ପଥରରେ ପୋତି ବନ୍ଧ ନିର୍ମାଣ କରିବା ପାଇଁ ସ୍ଥିର କଲେ । ରାମଚନ୍ଦ୍ର ସମୁଦ୍ରରେ ସେତୁ ବାନ୍ଧିବା ବେଳର କଥା ଏହି କବିତାରେ ବର୍ଣ୍ଣିତ । ଉପେନ୍ଦ୍ରଙ୍କ ଅଳଙ୍କାର ପ୍ରିୟତା, ଶବ୍ଦ ସଂଯୋଜନା ଓ ସମାଜ ପ୍ରତି ନୀତିନିଷ୍ଠ ବାର୍ତ୍ତା – ଏହି କବିତାର ଲକ୍ଷ୍ୟଣୀୟ ବୈଶିଷ୍ଟ୍ୟ ।



ରାଗ – ଆଶାବରୀ

ବଳିଲା ରାଘବ ଆଶା ସୀତା ପ୍ରାପତିରେ
ବିଚାରିଲେ ସିନ୍ଧୁପୋତି ଯିବା ପର୍ବତରେ ଯେ ।
ବୁଡ଼ିଗଲା ପକାଇଲେ କପି ଯେତେଗିରି
ବୁଦ୍‌ବୁଦ ନ ଦିଶେ ଜଳ ଫିଫି କୃତ କରିଯେ ।
ବିସ୍ମୟି ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ ।



ଶବ୍ଦାର୍ଥ –

ବଳିଲା – ଆଗ୍ରହ ହେଲା

ପ୍ରାପତିରେ – ପାଇବା ନିମନ୍ତେ

କପି – ମାଙ୍କଡ଼

ଗିରି – ପର୍ବତ

ବୁଦ୍‌ବୁଦ – ପାଣି ଫୋଟକା

ଫିଫିକୃତ – ଫିଫିକାର ଶବ୍ଦ

ତେଜି – ତ୍ୟାଗ କରି

ବରୁଣ – ଜଳଦେବତା

ବିନାଶନରେ – ବିନା ଅଶନରେ – ଖାଦ୍ୟବିନା

ଦର୍ଭ – କୁଶ



- **ବ୍ୟାଖ୍ୟା –**

  ସୀତାଙ୍କୁ ପ୍ରାପ୍ତ କରିବା ନିମିତ୍ତ ରାମଚନ୍ଦ୍ର ପ୍ରୟାସ କଲେ । ସେ ପଥର ଦ୍ୱାରା ସେତୁବନ୍ଧ ବାନ୍ଧି ଲଙ୍କା ଯିବାପାଇଁ ସାଗର ଅତିକ୍ରମ କରିବାକୁ ବିଚାର କଲେ । ବାନର ସେନା ଯେତେ ପଥର ଆଣି ସମୁଦ୍ରରେ ପକାଇଲେ ମଧ୍ୟ ତାହା ଗଭୀର ଜଳରେ ବୁଡ଼ିଗଲା । ଏଭଳି ଘଟଣାରେ ରାମ ବିସ୍ମିତ ହୋଇ ବରୁଣ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ କୁଶ ଶଯ୍ୟାରେ ଶୋଇ ଅନଶନ ବ୍ରତ ଆରମ୍ଭ କଲେ ।

- **ବ୍ୟାକରଣ –**

  **ତଦ୍ଧିତ** – ରାଘବ – ରଘୁ + ଅ

  **କୃଦନ୍ତ** – ଶୟନ – ଶୀ + ଅନ

  ବିସ୍ମିତ – ବି–ସ୍ମି + ତ

  **ସନ୍ଧି** – ଶୟନ – ଶେ + ଅନ

  ନିଶ୍ୱାସ – ନିଃ + ଶ୍ୱାସ

  **ଗଦ୍ୟରୂପ** – ପ୍ରାପତି – ପ୍ରାପ୍ତି

  **ସମାସ** – ବିନାଶନ – ନ ଅଶନ – ନଞ୍ତତ ପୁରୁଷ

- ## କାର୍ଯ୍ୟପର୍ଦ୍ଧ –

**୧) ୨ଗି ଲେଖାଏ ପ୍ରତିଶବ୍ଦ ଲେଖ –**

ସିନ୍ଧୁ, ପର୍ବତ, କପି, ଜଳ

**୨) ବିପରୀତ ଶବ୍ଦ ଲେଖ –**

ଆଶା, ନିଶ୍ୱାସ, ପ୍ରସନ୍ନ

**୩) ଗୋଟିଏ ବାକ୍ୟରେ ଉତ୍ତର ଦିଅ –**

କ) ଉପେନ୍ଦ୍ରଙ୍କ ରଚିତ ପଦ୍ୟାତ୍ମକ ଶବ୍ଦକୋଷର ନାମ କ'ଣ ?

ଖ) ସିନ୍ଧୁକୁ ପୋତିବା ପାଇଁ ରାମଚନ୍ଦ୍ର କାହିଁକି ସ୍ଥିର କଲେ ?

ଗ) କବିତାରେ ରାଘବ ଶବ୍ଦଟି କାହା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି ?

ଘ) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?

ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯୋ ।୩।
ବୁଧେ ଶୁଣ ଅନ୍ୟ ପ୍ରସଙ୍ଗକୁ ଦଶଶିର
ବରଗିଲା ସେ ଶୁକ ସାରଣ କରି ଚାର ଯୋ ।୪।
ବିଭୀଷଣେ କହ ଜ୍ୟେଷ୍ଠଭ୍ରାତା ପିତା ସରି
ବୁଝି ନ ବୁଝି କୋପି ତା ବାଣୀ ପିତା କରି ଯୋ ।୫।
ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ
ବଡ଼କୁଳେ ଜନମି ଶରଣ କି କାରଣେ ଯେ ? ୬।
ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ
ବାଦ ରଚାଇ ପିତୃବ୍ୟ ବାହୁଡ଼ାଅ ସୈନ୍ୟ ଯୋ ।୭।
ବିହାୟସେ ବିହରି ସାଗର ଜିଣି ଯାଇ
ବର୍ତ୍ତିକ ସ୍ୱରୂପ ଧୃତ କେଁ କେଁ ଟିହୋ କହି ଯୋ ।୮।

Scanned by CamScanner

## ଶବ୍ଦାର୍ଥ –

ବୁଧେ – ପଣ୍ଡିତ ମାନେ
ଦଶଶିର – ରାବଣ
ବରଗିଲା – ପଠାଇଲା
ଚାର – ଦୂତ
କୋପି – ରାଗିଯାଇ
ବିଭୂତି – ସୌଭାଗ୍ୟ
ବିଭୂତି ଭୂଷଣ – ସନ୍ନ୍ୟାସୀ
ପିତୃବ୍ୟ – ବାପାଙ୍କ ସାନଭାଇ
ବାହୁଡ଼ାଅ – ଫେରାଅ
ବିହାୟସେ – ଆକାଶରେ
ବିହରି – ବିଚରଣକରି
ବର୍ତ୍ତକ – ବତକ, ଟିଟିଭ ପକ୍ଷୀ
କେଁ କେଁ ଟିହୋ – ପକ୍ଷୀଧ୍ୱନି

- ବ୍ୟାଖ୍ୟା – ଅନ୍ୟଏକ ପ୍ରସଙ୍ଗ କ୍ରମେ ରାବଣ ନିଜର ଦୁଇ ମନ୍ତ୍ରୀ ଶୁକ ଓ ସାରଣଙ୍କୁ ଦୁତ କରି ବିଭୀଷଣ ଓ ଅଙ୍ଗଦଙ୍କ ନିକଟକୁ ପଠାଇଲା । ସେ ଚାହୁଁଥିଲା ସେମାନେ ବିଭୀଷଣଙ୍କୁ ବୁଝାଇ ଦିଅନ୍ତି ଯେ, ବଡ଼ଭାଇ ପିତାଙ୍କ ଭଳି, ତାଙ୍କ କଥାକୁ ମନ୍ଦ ଅର୍ଥରେ ଗ୍ରହଣ କରିବା ଉଚିତ ନୁହେଁ । ରାଜଭୋଗ ଛାଡ଼ି, ଉଚ୍ଚ କୁଳରେ ଜନ୍ମହୋଇ ସନ୍ନ୍ୟାସୀର ଶରଣ ଉଚିତ ନୁହେଁ । ଏହା ସହିତ ସେମାନେ ଅଙ୍ଗଦଙ୍କୁ ବୁଝାଇ ଦଅନ୍ତୁ ଯେ, ପିତାର ଶତ୍ରୁ ପ୍ରତି ଭକ୍ତି ନକରି ସେନା ମଧ୍ୟରେ ଝଗଡ଼ା ସୃଷ୍ଟିକରି ପିତାଙ୍କ ସାନଭାଇ ସହିତ ନିଜର ସୈନ୍ୟବାହିନୀକୁ ଫେରାଇ ନିଅନ୍ତୁ ।

- ବ୍ୟାକରଣ –
- ସମାସ – ଦଶଶିର – ଦଶଟିଶିର ଅଛି ଯାହାର – ବହୁବ୍ରୀହି
- ବିଭୂତିଭୂଷଣ – ବିଭୂତିଭୂଷଣ ହୋଇଛି ଯାହାର – ବହୁବ୍ରୀହି ସମାସ
- ବିଭୀଷଣ – ବିହୀନ ହୋଇଛି ଭୀଷଣତା ଯାହାର – ନିଷେଧାର୍ଥ ବହୁବ୍ରୀହି
- କୃଦନ୍ତ – କାରଣ – କୃ + ଅନ (ଆ)
- ଭକ୍ତି – ଭଜ୍ + ତି, ଧୃତ – ଧୃ + ତ

# କାର୍ଯ୍ୟପତ୍ର

୧)  ଭିନ୍ନାର୍ଥବୋଧକ ଶବ୍ଦ ଲେଖ – ବୁଧ, ପିତା, ବିଭୂତି, ବାଣୀ
୨)  ଗଦ୍ୟରୂପ ଲେଖ – ପ୍ରାପତି, ଜନମି, ରଚାଇ
୩)  କେଁ କେଁ – ଭଳି ଆଉ ପାଞ୍ଚଗୋଟି ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ ଲେଖ ।
୪)  ୧ / ୨ ଟି ବାକ୍ୟରେ ଉତ୍ତର ଲେଖ ।
କ)  ରାବଣ ଶୁକସାରଣଙ୍କ ମାଧ୍ୟମରେ ବିଭୀଷଣଙ୍କ ପାଖକୁ କି ବାର୍ତ୍ତା ପଠାଇଲେ ?
ଖ)  ଅଙ୍ଗଦଙ୍କ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କଲେ ?
ଗ)  ରାବଣର ବର୍ତ୍ତାନେଇ ଅଙ୍ଗଦଙ୍କ ନିକଟକୁ କିଏ ଆସିଥିଲେ ?

ବିଖ୍ୟାତ କରୁ ବିଂଶତିକର କହିବାର
ବୋଧ ଉଭୟ ଭୟରେ ପଳାଇ ସତ୍ୱର ଯୋ । ୯ ।
ବାହୁଡ଼ି ରାବଣେ କହି ଶୁଣ ଦେବ ରିପୁ
ବୋଇଲା ଅନୁଜ ଯିବି ସୀତାଙ୍କୁ ସମର୍ପୁ ଯୋ । ୧୦ ।
ବଞ୍ଚିଲୁଁ ଅଙ୍ଗଦେ ଅଙ୍ଗ ଦେବାରୁ କି ଧର୍ମେ
ବଜ୍ରାଘାତ ସମ ତଳ ପ୍ରହାରିଲା ବ୍ୟୋମେ ଯୋ । ୧୧ ।
ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ
ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯୋ । ୧୨ ।
ବଳ କେତେ ବୋଲୁଁ ବୋଲେ ଯେତେ ଶଙ୍ଖ ସେହି
ବାରି ରାଶିରେ ଜନିତ ତେତେ ଶଙ୍ଖ ନାହିଁ ଯୋ । ୧୩ ।
ବିତରଣେ ସାଗର କି ପାଞ୍ଚ ପଚାରିଲା
ବିହେ ରାମ କୁଶଶଯ୍ୟା ପ୍ରତ୍ୟୁତ୍ତର ଦେଲା ଯୋ । ୧୪ ।
ବିରସକୁ ମନ୍ଦ କରି ମନ୍ଦହାସ ଜନ୍ମେ ।
ବୋଲେ କି କରିବ ଏଡ଼େ ହୀନ ପରାକ୍ରମେ ଯୋ । ୧୫ ।

- ଶବ୍ଦାର୍ଥ –
- ବିଂଶତିକର – କୋଡ଼ିଏ ହାତ
- ଅନୁଜ – ସାନଭାଇ
- ରିପୁ – ଶତ୍ରୁ
- ଦେବରିପୁ – ଦେବତାଙ୍କ ଶତ୍ରୁ
- ଶଙ୍ଖ – ଲକ୍ଷକୋଟି ସଂଖ୍ୟକ
- ବିତରଣେ – ପାରିହେବା ନିମନ୍ତେ
- ବାରି – ପାଣି
- ପାଞ୍ଚ – ଉପାୟ
- ବିହେ – ବିଧାନ କରେ
- ମନ୍ଦ – ଅଳ୍ପ
- ମନ୍ଦହାସ – ସ୍ମିତହାସ୍ୟ

Scanned by CamScanner

- **ବ୍ୟାଖ୍ୟା** – ରାବଣର ଆଦେଶରେ ଶୁକ ଓ ସାରଣ ପକ୍ଷୀରୁପ ଧରି ଆକଶ ମାର୍ଗରେ ସାଗର ଡ଼େଇଁ ପକ୍ଷୀସ୍ୱରରେ କଥାବାର୍ତ୍ତା କରି ଅଙ୍ଗଦଙ୍କର କ୍ରୋଧର ଶିକାର ହେଲେ । ସେମାନେ ଫେରିଆସି ରାବଣଙ୍କୁ କହିଲେ ଯେ, ବିଭୀଷଣଙ୍କ ମତ ହେଉଛି – ସେ ସୀତାଙ୍କୁ ସମର୍ପଣ କଲେ ଲଙ୍କା ଫେରିବେ । ଅଙ୍ଗଦ ଯେଉଁ ବଜ୍ରାଘାତପରି ଚାପୁଡ଼ା ପ୍ରହାର କଲେ, ତାହା ବାଜିଥିଲେ ସେମାନେ ଚୁନା ହୋଇଯାଇଥଆନ୍ତେ କିମ୍ବା ପାତାଳକୁ ଚାଲିଯାଆନ୍ତେ । ଦଇବ ଯୁଗରୁ ସେମାନେ ବଞ୍ଚିଗଲେ । ଶ୍ରୀରାମଙ୍କ ସନ୍ୟବଳ ଶଙ୍ଖ ପ୍ରମାଣ, ସାଗରରେ ଯେତେ ଶଙ୍ଖ ନାହିଁ ତା'ଠାରୁ ଅଧିକ ସୈନ୍ୟ ରହିଛନ୍ତି । ଶ୍ରୀରାମ ସାଗର ପାରିହେବାପାଇଁ କୁଶଶଯ୍ୟାରେ ରହିଛନ୍ତି ଜାଣି ରାବଣ ମନ୍ଦହସ ହସି ବିଚାର କଲା–ଏଡ଼େ ହୀନ ପରାକ୍ରମରେ ସେ କ'ଣ କରି ପାରିବେ ?

- **ବ୍ୟାକରଣ** –
- **ସମାସ** – ବିଂଶତିକର – ବିଂଶ କର ଅଛି ଯାହାର – ବହୁବ୍ରୀହି ।
- ଦେବରିପୁ – ଦେବଙ୍କର ରିପୁ – ଷଷ୍ଠୀ ତତ୍‌ପୁରୁଷ
- କୁଶଶଯ୍ୟା – କୁଶରେ ତିଆରି ଶଯ୍ୟା – ମଧ୍ୟପଦ ଲୋପୀ କର୍ମଧାରୟ
- ହୀନପରାକ୍ରମ – ହୀନ ହୋଇଛି ପରାକ୍ରମ ଯାହାର – ନିଷେଧାର୍ଥ ବହୁବ୍ରୀହି
- **ସନ୍ଧି** – ବଜ୍ରଘାତ – ବଜ୍ର + ଆଘାତ
- ପ୍ରତ୍ୟୁତ୍ତର – ପ୍ରତି + ଉତ୍ତର
- **ଉପସର୍ଗ** – ପରାକ୍ରମ – ପରା – କ୍ରମ
- ବିଖ୍ୟାତ – ବି – ଖ୍ୟା + ତ
- ବିରସ – ବି – ରସ
- ପ୍ରତ୍ୟୁତ୍ତର – ପ୍ରତି – ଉତ୍ତର
- **କୃଦନ୍ତ** – ଧର୍ମ – ଧୃ + ମ
- ବିନ୍ଧ୍ୟ – ବିନ୍ଧ୍ + ଯ

# କାର୍ଯ୍ୟପର୍ଦ୍ଧ

୧) **ବିପରୀତ ଶବ୍ଦ ଲେଖ** – ଜ୍ୟେଷ୍ଠ, ଜନ୍ମ, ପୁଣ୍ୟ, ବିରସ

୨) **ସନ୍ଧିବିଚ୍ଛେଦ କର** – ବଜ୍ରାଘାତ, ପ୍ରତ୍ୟୁତ୍ତର, ନିଶ୍ୱାସ

୩) **ବ୍ୟାସବାକ୍ୟ ସହ ସମାସର ନାମ ଲେଖ** – ବିନାଶନ, ଦର୍ଭଶୟନ, ବିଭୂତିଭୂଷଣ, ବିଂଶତିକର, ଦେବରିପୁ, ହୀନପରାକ୍ରମ

୪) **୨/୩ ଗି ବାକ୍ୟରେ ଉତ୍ତର ଦିଅ –**

କ) ରାବଣର ବାର୍ତ୍ତା ଶୁଣି ଅଙ୍ଗଦ କି ଉକ୍ତି ପ୍ରକାଶ କଲେ ?

ଖ) ମନ୍ତ୍ରୀ ଦ୍ୱୟ ରାବଣଙ୍କ ନିକଟରେ କି ଉକ୍ତି ପ୍ରକାଶ କଲେ ?

ଗ) ଅଙ୍ଗଦଙ୍କ ଚାପୁଡ଼ା ପ୍ରହାରରେ ସେମାନଙ୍କର କି ଅବସ୍ଥା ହୋଇଥାଆନ୍ତା ?

ଘ) ଶ୍ରୀରାମଙ୍କ ସୈନ୍ୟ ସଂଖ୍ୟା କେତେବୋଲି ମନ୍ତ୍ରୀ ଦ୍ୱୟ କଳନା କଲେ ?

ଙ) ସମୁଦ୍ର ତରିବା ନିମନ୍ତେ ରାଘବ କ'ଣ ପାଞ୍ଚୁଥିଲେ ?

ଚ) ଉପେନ୍ଦ୍ରଙ୍କ ରଚିତ କାବ୍ୟ ଗୁଡ଼ିକର ବୈଶିଷ୍ଟ୍ୟ କ'ଣ ?

ଛ) ପଠିତ କବିତାଟିରେ କବି କେଉଁ ବାର୍ତ୍ତା ଦେଇଛନ୍ତି ?

# ସମୀକ୍ଷା

- ସୀତାଙ୍କୁ ପ୍ରାପ୍ତି ନିମନ୍ତେ ଶ୍ରୀରାମ ଲଙ୍କା ଯାତ୍ରାପାଇଁ ସ୍ଥିର କଲେ ।
- ପର୍ବତ ଦ୍ୱାରା ସାଗରରେ ବନ୍ଧ ବାନ୍ଧିବା ପାଇଁ ସେ ଯୋଜନା କଲେ ।
- ବାନର ସେନା ଯେତେ ପଥର ପକାଇଲେ, ତାହା ଗଭୀର ସମୁଦ୍ରରେ ବୁଡ଼ିଗଲା ।
- ଏପରି ଘଟଣା ଦେଖି ଶ୍ରୀରାମ ବିସ୍ମିତ ହେଲେ ଓ ଦୀର୍ଘଶ୍ୱାସ ତ୍ୟାଗ କଲେ ।
- ବରୁଣ ଦେବତାଙ୍କ ସହାୟତା ପାଇଁ ଶ୍ରୀରାମ ଖାଦ୍ୟ ତ୍ୟାଗ କରି କୁଶାସନରେ ଶୋଇ ବରୁଣ ଦେବତାଙ୍କୁ ପ୍ରର୍ଥନା କଲେ ।
- ରାବଣ କୂଟନୀତି ପ୍ରୟୋଗ କରି ବିଭୀଷଣଙ୍କୁ ଲଙ୍କାକୁ ଫେରାଇ ଆଣିବାକୁ ଉଦ୍ୟମ କଲେ ।
- ରାବଣଙ୍କର ବାର୍ତ୍ତାନେଇ ମନ୍ତ୍ରୀ ଶୁକ ଓ ସାରଣ ବିଭୀଷଣ ଓ ଅଙ୍ଗଦଙ୍କ ନିକଟକୁ ଯାଇଥିଲେ ।
- ବଡ଼ଭାଇ ପିତାଙ୍କତୁଲ୍ୟ ହୋଇଥିବାରୁ ବିଭୀଷଣ କୌଣସି କଥାକୁ ମନ୍ଦ ନଭାବି ଲଙ୍କାକୁ ଫେରି ଆସନ୍ତୁ ବୋଲି ରାବଣ ଖବର ଦେଇଥିଲେ ।
- ପିତାଙ୍କ ଶତ୍ରୁ ଶ୍ରରାମଙ୍କୁ ଅଙ୍ଗଦ ସାହଯ୍ୟ ନକରି ସୁଗ୍ରୀବଙ୍କ ସହିତ ସୈନ୍ୟମାନଙ୍କୁ ଫେରାଇ ନିଜ ରାଜ୍ୟକୁ ଚାଲିଯାଆନ୍ତୁ – ଏହାଥିଲା ରାବଣର କୂଟନୀତି ।
- ଶତ୍ରୁର ସୈନ୍ୟ ଆକଳନ କରିବାରେ ରାବଣର କୂଟନୀତି ଅତ୍ୟନ୍ତ ସୁସ୍ପଷ୍ଟ ।
- ଶୁକ ଓ ସାରଣଙ୍କ କଥାରେ ରାବଣ ଚିନ୍ତା କଲା ଯେ, ଶ୍ରୀରାମ ହୀନବଳ, ତେଣୁ ସେ ତାହାର କିଛି କ୍ଷତି କରିପାରିବେ ନାହିଁ ।

# ପ୍ରଶ୍ନାବଳୀ

**ସପ୍ରସଙ୍ଗ ସରଳାର୍ଥ ଲେଖ –**

୧) ବିସ୍ମଇ ନିଶ୍ୱାସ ତେଜି ବରୁଣ ପ୍ରସନ୍ନେ,
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ ।

୨) ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ,
ବଡ଼କୁଳେ ଜନମି ଶରଣ କି କାରଣେ ଯେ ?

୩) ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ,
ବିନ୍ଧ୍ୟଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ ।